ପ୍ରତିଷେଧକ ଟୀକା ଓ ଶିଶୁ ସ୍ୱାସ୍ଥ୍ୟ

ଡାକ୍ତର ସୋମନାଥ ପଟ୍ଟନାୟକ

Digitized by srujanika@gmail.com

ପ୍ରତିଷେଧକ ଟୀକା ଓ ଶିଶୁ ସ୍ୱାସ୍ଥ୍ୟ

ଡା: ଯୋଗମାୟା ପଟ୍ଟନାୟକ

ପ୍ରେଣ୍ଡସ୍ ପବ୍ଲିଶର୍ସ

Digitized by srujanika@gmail.com

ପ୍ରତିଷେଧକ ଟୀକା ଓ ଶିଶୁ ସ୍ୱାସ୍ଥ୍ୟ

ଲେଖିକା :
ଡଃ ଯୋଗମାୟା ପଟ୍ଟନାୟକ

ପ୍ରକାଶକ :
ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦ ବିହାରୀ
କଟକ-୨

ପ୍ରଥମ ସଂସ୍କରଣ : ୧୯୮୮

ମୁଦ୍ରଣ :
ଶ୍ରୀ ନୀଳକଣ୍ଠ ପ୍ରେସ୍
ବଡ଼ାନାସୀ, କଟକ-୮

ମୂଲ୍ୟ : ଟ ୫-୦୦

Digitized by srujanika@gmail.com

ପ୍ରତିଷେଧକ ଟୀକା ଓ ଶିଶୁ ସ୍ୱାସ୍ଥ୍ୟ

ସୁସ୍ଥ, ସବଳ ପିଲାଙ୍କୁ ନେଇ ଏ ଦେଶ । ପୋକର ମଞ୍ଜି ଟିଏ ଆମେ ପୋତିଦେଲେ ବା ସାଧାରଣ ମଞ୍ଜି ଟିଏ ପୋତି ପାଣି ନ ଦେଲେ ବା ପଥର, ବାଲିରେ ମଞ୍ଜି ଟିଏ



ଫେଙ୍ଗିଦେଲେ ଗଛଟିଏ କ'ଣ ସହଜରେ ଉଭୁରିବ । ଗଛଟି ଉଠିଥିଲେ ବି ରୋଗଣା ହେବ ବା ଝାଉଁଳି ପଡ଼ିବ । ମୋଟେ ଉଧେଇବନି ।

Digitized by srujanika@gmail.com

ନବଜାତ ଶିଶୁ ରୋଗ ପ୍ରତିରୋଧକ ଶକ୍ତି ତା ମା'ଠାରୁ ପାଇଥାଏ । ମାଆ ଯଦି ଗର୍ଭାବସ୍ଥାରେ ନିଜର ଦେହ ପ୍ରତି ମୋଟରୁ ଯତ୍ନ ନେଇନି, ସୁଷମ ଖାଦ୍ୟ ଖାଇନି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇନି- ଖୋଲା ପବନ, ଭଲ ପିଇବା ପାଣି ଟୋପାକରୁ ବଞ୍ଚିତ ହେଲା—ତେବେ ଗର୍ଭର ଛୁଆ ଅବସ୍ଥା କ'ଣ ହେବ କହିଲେ ? ତା ଛଡ଼ା ଆମ ଗାଁ ଗହଳରେ ଏଯାଏଁ କେତେଗୁଡ଼ିଏ ଅନ୍ଧବିଶ୍ୱାସ ରହିଛି ଏଇଟା ଖାଇଲେ, ପାଣି ବେଶୀ ପିଇଲେ ପିଲାର କ୍ଷତି ହେବ । ଅନେକ ମୁରବୀ । ନ ଶୁଣିଲେ ପୁରାଣ ଅଶୁଦ୍ଧ । ଏମିତିକି ପିଲା ରହିଚି ସେଇଟାବି ନ କହିଲେ ଭଲ । କେବଳ ଏତିକି ମାଆଟି ବୁଝିଲା—ଭଲ ଜିନିଷ ଖାଇଲେ ପିଲାଟି ବଡ଼ ହେବ, ଜନ୍ମ ହେବାରେ ଅସୁବିଧା ।

ଧନୁଷ୍ଟଙ୍କାର ପ୍ରତିଷେଧକ ଗର୍ଭାବସ୍ଥାରେ ମା'ଙ୍କୁ ଦିଆଯାଏ । ତିନୋଟି ମାତ୍ରାରେ—ମାସକରୁ ଦେଢ଼ମାସ ଭିତରେ, ୫ ମାସ ପରେ, ୩ଟି ବା ୨ଟି ଗର୍ଭାବସ୍ଥାରେ ଦେଇ ଶେଷଟି ପିଲା ହେବା ପରେ ଦିଆଯାଇଥାଏ ।

ମା' ଯଦି ଟିଟାନସ୍ ଟକ୍ସଏଡ଼ ନେଇଥାଏ ପୂର୍ବମାତ୍ରାରେ ତେବେ ତା ଠାରୁ ପିଲାଟି ରୋଗ ପ୍ରତିରୋଧକ ଶକ୍ତି ପାଏ । ଏହାଛଡ଼ା ମା କ୍ଷୀର । ପିଲା ହେବା ପରେ ପରେ ପ୍ରଥମ କେତେଦିନ ମା'ର ଯେଉଁ ହଳଦିଆ ରଙ୍ଗର ବହଳିଆ କ୍ଷୀର ବାହାରେ ଯାହାକୁ କଲଷ୍ଟ୍ରମ କହନ୍ତି ସେଥିରେ ପିଲାପାଇଁ

Digitized by srujanika@gmail.com

ରୋଗ ପ୍ରତିରୋଧକ ଶକ୍ତି ଥାଏ, ଅନେକ ଅନ୍ଧବିଶ୍ୱାସ ନେଇ
ଏଇ କ୍ଷୀର ଖାଇଲେ ପିଲା ବେମାରୀ ହେବ, ଏଇଟା ଡାହାଣୀ

କ୍ଷୀର କହୁ ପିଲାକୁ ଦେଇ ନ ଥାନ୍ତି ! ପିଲା ଜନ୍ମ ପରେ ପରେ
ମା କ୍ଷୀର ଖାଇଲେ ନିଶ୍ଚିତ ଭାବରେ ପ୍ରତିରୋଧକ ଶକ୍ତି

Digitized by srujanika@gmail.com

ମାଆଠାରୁ ପାଇପାରିବ । ପ୍ରତିରୋଧକ ଶକ୍ତି ହେଲା ଆମ ଶରୀରର ଜାଗ୍ରତ ପ୍ରହରୀ । ପୋଲିସ । ପୋଲିସ ଠେଙ୍ଗା, ବନ୍ଧୁକ ଧରି ଚୋରକୁ ଜଗି ବସିବା ପରି ଏହା ଜଗିବସିଥାଏ ଯେମିତି ରୋଗ ପଶିବନି ।

ମା' ଗର୍ଭାବସ୍ଥାରେ ଟିଟାନସ୍ ପ୍ରତିଷେଧକ ନ ନେଇଥିଲେ ମା' ଗର୍ଭାବସ୍ଥାରେ ଓ ପ୍ରସୂତି ଅବସ୍ଥାରେ ଆତଙ୍କ

ଭିତର ଦେଇ ସାଧାରଣତଃ ଯାଏ । ତା ନଡ଼ା ଆମ ଗାଁ ଗହଳରେ ପିଲା ଯେଉଁ ଘରେ ହୁଏ ସେ ଘରର ପରିବେଶ

Digitized by srujanika@gmail.com

ଯାହା, ସେଥିରେ ପିଲାକୁ ଧନୁଷ୍ଟଙ୍କାର ହେବାର ଭୟ ଥାଏ । ପରିବେଶ ଓ ପ୍ରସବକାରିଣୀ ଗୃହଖଣ୍ଡେ ଲମ୍ବର ନଖ ଓ ଶାମୁକାରେ ନାହି କାଟନ୍ତି । ତେବେ ଆମେ ଜାଣି ଜାଣି ଆମର ଅନ୍ତର ଲଉଡ଼ି, ଦେଶ ଓ ଜାତିର ଭବିଷ୍ୟତକୁ ଏମିତି ଅଣଦେଖା କରିବା କାହିଁକି ? ଏଥିପାଇଁ ପ୍ରତ୍ୟେକ ଗର୍ଭବତୀ ଗର୍ଭ ରହିବା ଅବସ୍ଥାରେ ଧନୁଷ୍ଟଙ୍କାର ପ୍ରତିଷେଧକ ନିଅନ୍ତୁ । ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଛୁଆକୁ ବିପଦମୁକ୍ତ କରନ୍ତୁ ।

ଯଦି ପିଲାଟି ସୁସ୍ଥ ନାହିଁ, କିଛି ପ୍ରତିଷେଧକ ନେଇନି, ତେବେ ଏଇ ଯୋଉ 'ଛୋଟ ପରିବାର—ସୁଖୀ ପରିବାର, ସେ ସ୍ୱପ୍ନ ମଉଳିଯିବ ।

Digitized by srujanika@gmail.com

ଆମ ଦେଶର ଶିଶୁମାନଙ୍କ ସଂଖ୍ୟା ପ୍ରାୟ ମୋଟ ଲୋକ ସଂଖ୍ୟାର ୪୨ ଭାଗରୁ ବେଶୀ । ଆମେ ଯଦି ୧୦୦୦ ଶିଶୁଙ୍କ ପ୍ରଥମ ଜନ୍ମ ବାର୍ଷିକ ଉତ୍ସବ ପାଳିବା ପାଇଁ ଯୋଗାଡ଼ କରିବା ତେବେ ହିସାବରୁ ଜଣାପଡ଼ୁଛି ଯେ ପ୍ରାୟ ୧୨୦ ଜଣ ଛୁଆ ଜନ୍ମଦିନର ଶୁଭେଚ୍ଛା ନେବା ଆଗରୁ ମରଣ ମୁହଁରେ ପଡ଼ିଥିବେ । ପ୍ରତି ଶହେ ପିଲା ଭିତରୁ ୪୦ଟି ପିଲା ୫ ବର୍ଷ ଆଗରୁ ମରଣକୁ ବରଣ କରିଥିବେ । ଏହି ପିଲାଙ୍କ ମୃତ୍ୟୁର କାରଣ ହେଲା ସଂକ୍ରାମକ ବେମାରୀ, ଝାଡ଼ା, ବାନ୍ତି, ଅପପୁଷ୍ଟି ଆଉ ଶ୍ୱାସ, ପ୍ରଶ୍ୱାସ ବେମାରୀ ।

କିନ୍ତୁ ଆଗେ ଯେମିତି ପୋକ ମାଛି ପରି ପିଲା ମରୁଥିଲେ ଏବେ ହୁଏତ ସେମିତି ନାହିଁ । ରୋଗ ପ୍ରତିରୋଧକ ଟୀକା ବ୍ୟବସ୍ଥା ଯୋଗୁ ମୃତ୍ୟୁହାର କମି ଆସିଛି—ପ୍ରତିଷେଧକ ଟୀକା ଯଦି ଠିକ୍ ନିୟମ ଅନୁସାରେ ଦିଆଯାଏ ତେବେ ମୃତ୍ୟୁହାର କମିବ, ସନ୍ଦେହ ନାହିଁ ।

ପ୍ରଥମେ କେଉଁ ରୋଗର ପ୍ରତିଷେଧକ ଟୀକା ବାହାରିଲା ଜାଣ ? ମାରାତ୍ମକ ବସନ୍ତର । ଯେଉଁ ରୋଗ ନାଁ ଶୁଣିଲେ ଲୁମ ଟାଙ୍କୁରି ଉଠେ । ଥରେ ଯେଉଁଠି ଆରମ୍ଭ ହେଲା ସେ ଗାଁଟି ନିର୍ମୂଳ କରି ଦେଉଥିଲା । ସଞ୍ଜ ହେଲେ ଭୟରେ ଗାଁ ବରଗଛ ମୂଳରେ ପଣା ହାଣ୍ଡି ଥୋଇ ଡାକି, କବାଟ ପକେଇ ଲୋକେ ଘରେ ରହୁଥିଲେ । ଯେଉଁ କେତୋଟି ତା କବଳରୁ ବଞ୍ଚି ରହୁଥିଲେ ପୂରା କଦାକାର ବସନ୍ତର ଚିହ୍ନ ଧରି । କିଏ ବି ଅନ୍ଧ ହେଉଥିଲା, ଅକର୍ମଣ୍ୟ ହେଉଥିଲା । ଅଭିଆଡ଼ୀ ଝିଅଙ୍କୁ

Digitized by srujanika@gmail.com

ବାଛନ୍ଦ କରି ଦେଉଥିଲା । ଯାହା ହେଉ ଧନ୍ୟ ସେ ବୈଜ୍ଞାନିକ ଜେନର । ୧୭୯୮ ସାଲରେ ଚମକପ୍ରଦ ଆବିଷ୍କାର କରି ସାରା ବିଶ୍ୱର ଲୋକଙ୍କୁ ଆଲୋକ ଦେଲେ । ଏହା ପରଠାରୁ ବୈଜ୍ଞାନିକମାନେ ଯକ୍ଷ୍ମା, ଧନୁଷ୍ଟଙ୍କାର, ଡିପଥେରିଆ, ହୁପିଙ୍ଗକାଶ, ପୋଲିଓ, ମିଳିମିଳା, ଆନ୍ତ୍ରିକ ଜ୍ୱର, ଝାଡ଼ାବାନ୍ତି ପ୍ରଭୃତି ନ ହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ବାହାର କଲେ ।

ମୋର ମନେ ପଡ଼େ ମୋ ପିଲାବେଳ କଥା—ଆମର ଜଣେ ଗାଁର ନିକଟ ସମ୍ପର୍କୀୟ । ଥରେ ତାଙ୍କ ଦୁଃଖ ବଖାଣୁ-

ଥିଲେ କେମିତି ତାଙ୍କର ଲାଗେ ଲାଗେ ୪ଟି ଛୁଆ ଏନ୍ତୁଡ଼ି-ଶାଳରେ ଯାଇଛନ୍ତି ଧନୁଷ୍ଟଙ୍କାର ବାତରେ । ବାତର ଲକ୍ଷଣ

Digitized by srujanika@gmail.com

କନ୍ଥ— କୋଉ ସୁବିଧା ଥିଲା ନା କ'ଣ ରୋଗହେଲେ ଡାକ୍ତର ଦେଖୁଥିଲେ –ସେଇ ଚେରମୂଳ, ଝଡ଼ା ଫୁଙ୍କା, ମନ୍ତ୍ରପାଣି । ଗାଁର ନଇଁ ପଡ଼ିଥିବା ଧାଈ, କଟ କଟ ମଇଳା ଲୁଗା ଖଣ୍ଡେ ପିନ୍ଧି, ଗୋଟିଏ ଶାମୁକା ଧରି ବଶିଷ୍ଟ ପ୍ରସୂତୀ ରୋଗ ବିଶେଷଜ୍ଞା । ଛାଡ଼ନ୍ତୁ ସେ ଗପ ଶୁଣିଲେ ଏବର ଛୁଆଏ ଭାବିବେ ବେତାଳ କାହାଣୀ ବା ବୁଢ଼ୀ ଅସୁରୁଣୀ କାହାଣୀ । ଆମେ ତ ଆଉ ସେ ଅବସ୍ଥାରେ ନାହୁଁ । ବିଜ୍ଞାନ ଆମକୁ ନେଇ କୋଉଠି ଥୋଇଲାଣି । ତଥାପି ଆମେ କଣ ବୁଝୁଛେ ?

୧୯୮୭ ବର୍ଷର ସ୍ଲୋଗାନ ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାରୁ । ପ୍ରତ୍ୟେକ ଶିଶୁ ପାଇଁ ପ୍ରତିଷେଧକ ବ୍ୟବସ୍ଥା—କି ଅମୃତ ସୁଯୋଗ ! ପ୍ରାୟ ୧୦ ବର୍ଷ ଧରି ଆମର ଏଇ ପ୍ରତିଷେଧକ ବ୍ୟବସ୍ଥା ଚାଲୁ ରହିଛି । ତଥାପି ଆମେ କଣ ପୂରା ଆମ ଲକ୍ଷ୍ୟ ହାସଲ କରି ପାରିଛୁ ? ଏବେ ବି କେତେଗୁଡ଼ିଏ ଭୟାବହ ସଂକ୍ରାମକ ରୋଗ ଆକ୍ରମଣରେ ଭାରତରେ ୩ ବର୍ଷରୁ କମ୍ ବୟସର ପିଲା ପ୍ରାଣ ହରାଉଛନ୍ତି । କେତେକ ସାଧାରଣ ବ୍ୟବସ୍ଥା ଦ୍ୱାରା ହୁଏତ ଆମେ ଆମ ପିଲାଙ୍କୁ ଏ ରୋଗ କବଳରୁ ରକ୍ଷା କରିପାରିବା—ଏଥିରେ ପ୍ରତିବନ୍ଧକ ଅଜ୍ଞତା, ଅନ୍ଧ ବିଶ୍ୱାସ ।

ଅଟେ ଗାଧୁଆ ତୁଠରେ କାଇତ ଚର୍ଚ୍ଚା —ନାଇଁଲୋ ଗାଧିବୋଉ, ଗଉରୀକି ଆମର ବଡ଼ ଦୁଃଖୀ । ୭ଟି ଛୁଆ

Digitized by srujanika@gmail.com

ଗୋଟିକ ପରେ ଗୋଟିଏ ଗୁରୁଣ୍ଡିବା ବେଲୁ, ଠିଆହେବା ବେଲୁ ମଶାଣୀ ମୁହଁ ଦେଖୁଛନ୍ତି । କଞ୍ଚା ଡାହାଣୀ ପରି ଶୋଷ ନେଉଛି । ସେ ଘରେ ପରି ହାଡ଼ବାଇ ଅଛି । ପିଚାଶୁଣୀ ଅଛି । ନ ହେଲେ ଡଉଲ ଡାଉଲ ଛୁଅନ୍ତୁ ନଅନ୍ତା ? ଆଗେ ତ



ଗାଧୁଆ ତୁଠରେ ଏଇକଥା ନଇତ ଚର୍ଚ୍ଚା । ଏବେ ତ ଗାଁ-

Digitized by srujanika@gmail.com

ଗହଳରେ, ଗାଧୁଆ ତୁଠରେ ଏ କଥା ଶୁଭୁନ ? ପ୍ରତିଷେଧକ ଟୀକା ବ୍ୟବସ୍ଥା ବୋଧେ ସବୁ ଡାହାଣୀ, ଚିରୁଗୁଣୀଙ୍କୁ ନିପାତ କଲାଣି । ଏବେ ତ ଏମିତି ଗାଁ-ଗାଁ ଛୁଆ ନିପାତ ହେଉ ନାହାନ୍ତି ? ତେବେ ଆମର ଗାଧୁଆ ତୁଠରେ ଗପ୍ପ ଆଲୋଚନା କରିବା କେମିତି କୁ ଦୃଷ୍ଟି, ବିଷ ଦୃଷ୍ଟି, ଡାହାଣୀ, ଚିରୁଗୁଣୀ ଦୂରେଇ ରହିଲେ—ଏଇ ବିଜ୍ଞାନୀ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୂଆ ଉଦ୍ଭାବନ ପାଇଁ ତ ?

କେବଳ କ'ଣ ଧନୁଷ୍ଟଙ୍କାର ବାତ ? ପୋଲିଓ ମଧ୍ୟ । ଯେଉଁ କେତୋଟି ପିଲା କେମ୍ପା, ଛୋଟା, ବିକଳାଙ୍ଗ ହେଉଛନ୍ତି ତାର ପ୍ରଧାନ ଓ ପ୍ରଥମ କାରଣ ଶିଶୁ ପକ୍ଷାଘାତ । ପୋଲିଓ ରୋଗ କେବେଠୁ ଦେଖାଗଲାଣି, ଚିହ୍ନଟ ହେଲାଣି, କହିହେବ ନାହିଁ । କିଏ ବା କହିବ ? ଖ୍ରୀଷ୍ଟୀୟ ୩୭୦୦ ବର୍ଷ ତଳର ଥିବା ଇଜିପଟ୍‌ର ମମିଠାରେ ଏଇ ପୋଲିଓ ରୋଗ୍ ହୋଇଥିବ—କାହିଁକି ନା-ତାର ବିକୃତ ଅଙ୍ଗ ଦେଖିବାକୁ ମିଳେ । ସେଇଥିରୁ ଜାଣିବା ଯେ କେବେଠୁ ଏଇ ବେମାରୀ ଅଛି ।

ଅଭିଧାନ ଖୋଲିଲେ ପ୍ରତିଷେଧକ କହିଲେ ଆମେ ବୁଝିବା ନିରାପତ୍ତା । ପ୍ରତିଷେଧକ ଟୀକା ନେବା ଫଳରେ ବହୁତ

Digitized by srujanika@gmail.com

ଦେଶରୁ ଶିଶୁ ରୋଗାକ୍ରାନ୍ତ ହେବା ଓ ମୃତ୍ୟୁ ମୁଖରେ ପଡ଼ିବା ବହୁତ ପରିମାଣରେ କମିଯାଇଛି । ସୁସ୍ଥ ସବଳ ହୋଇ ବଂଚିବାକୁ

ଚାହିଁଲେ ରୋଗ ନିରୋଧକ ଶକ୍ତି କେମିତି ବଢ଼ିବ ସେ ବିଷୟ ଚିନ୍ତା କରିବା କଥା । ଆମର ଧାରଣା ଥିଲା ଯେ ଶରୀରର ପ୍ରକୃତ ଶକ୍ତି ପରୀକ୍ଷା ହେବ ରୋଗ ବିରୁଦ୍ଧରେ ଲଢ଼େଇ କରି

Digitized by srujanika@gmail.com

ବିଜୟ ଲାଭ ପରେ । ବିଜ୍ଞାନର ଅଗ୍ରଗତି ସାଙ୍ଗେ ଆମେ ଏବେ ଜାଣିଛୁ ଯେ ପ୍ରଥମେ ବାହାର ଶତ୍ରୁକୁ ଚିହ୍ନିବା, ନଷ୍ଟ କରିବା ଏବଂ ବାହାରର ଜିନିଷକୁ ଶରୀରରୁ ବାହାର କରିବା ପ୍ରକ୍ରିୟା । ଆମର ରୋଗ ପ୍ରତିରୋଧକ ଶକ୍ତି କମେ, ସେଥିପାଇଁ କେତେଗୁଡ଼ିଏ ପ୍ରାକୃତିକ ଅବସ୍ଥା ଦାୟୀ ।

ଏଇନେ ସେ ବିଷୟରେ ଆଲୋଚନା କରିବା । ପ୍ରଥମ ହେଲା ବୟସ, ସୁସ୍ଥତା ଓ ପାରିପାର୍ଶ୍ୱିକ ଅବସ୍ଥା । ପିଲା ଯେତେବେଳେ ମା ପେଟରେ ଥାଏ ସେତେବେଳେ ସେ ମଲାଙ୍ଗ, ତାର ରୋଗ ନିରୋଧକ ଶକ୍ତି କିଛି ନଥାଏ । ମନେକର ମାଆକୁ ମିଳିମିଳା, ବସନ୍ତ, ସିଫିଲିସ୍ ପ୍ରଭୃତି ହେଲା, (ଯଦିବା ପୃଥିବୀରୁ ବସନ୍ତ ନିର୍ମୂଳ ହେଲାଣି) ତେବେ ମା' ପେଟରେ ଥିବା ପିଲା ମଧ୍ୟ ସେଇ ରୋଗରେ ଆକ୍ରାନ୍ତ ହେବ ଏବଂ ଭୋଗିବ । ତାହାକୁ ଯଦି କେବେ ହାଡ଼ଫୁଟି, ମିଳିମିଳା, ଜର୍ମାନ ମିଳିମିଳା ପ୍ରଭୃତି ହେଇଛି ତେବେ ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ଥର ଏଇ ସବୁ ରୋଗ ହୁଏନି । ଆଉ ଯଦି ହେଲା ତେବେ ସାମାନ୍ୟ ଧରଣର ହେଇଥାଏ । କେତେକ କ୍ଷେତ୍ରରେ ରୋଗ ଜୀବାଣୁ ଆମ ଦେହରେ ଥାଏ କିନ୍ତୁ ତା ପ୍ରକୋପ ବାହାରକୁ ଜଣା ପଡ଼େନି । ରୋଗ ନିରୋଧକ ଶକ୍ତି ବଢ଼େଇବା ପାଇଁ ଆମେ ଟୀକା ଏବଂ ବିଭିନ୍ନ ପ୍ରତିଷେଧକ ଏକା ସଂଗରେ ବା ସ୍ୱତନ୍ତ୍ର ଭାବରେ ନେଇ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ଉ ।

Digitized by srujanika@gmail.com

ନବଜାତକ ମା'ଠାରୁ ରକ୍ତ ସଂଚାଳନ ଦ୍ୱାରା କିଛି ରୋଗ ପାଇଁ ପ୍ରତିରୋଧକ ଶକ୍ତି ନେଇ ଜନ୍ମନିଏ । କିନ୍ତୁ ଆମର ଗାଁ ଗହଳର ମାଆମାନଙ୍କର ସ୍ୱାସ୍ଥ୍ୟ—ଗୁଡ଼ାଏ ପିଲା, ଗୋଟିଏ ପିଲାକୁ ବର୍ଷେ ନ ପୂରୁଣୁ ଆଉ ଗୋଟିଏ ଛୁଆ କୋଳରେ । ସେଥିରେ କେଉଁଠୁ ଶକ୍ତି ଆସିବ ? ଖାଇବା, ପିଇବା ଅସୁବିଧା;



ଛୁଆଙ୍କର ଭୋକିଲା ଚାହାଣୀ —ମାଆ ଆଉ ନିଜକୁ ଦେଖୁଛି । ହୁଁ ମ, ଯାହା ହେବାର ଥିବ ହେବ । ନିଜ ଦେହପାଇଁ ଅଣହେଳା,

Digitized by srujanika@gmail.com

ବଂଚିବା ପାଇଁ ବିତୃଷ୍ଣା, ସବୁବେଳେ କେଁ କାଁ, ରକ୍ତହୀନତା । ସେଥିରେ ପେଟ ବେମାରୀ,ସର୍ଦ୍ଦି, କାଶ—ପ୍ରତିଷେଧକ କୋଉ ଠିକ୍‌ରେ ନେଇଛନ୍ତି । ଗୋଟିଏ ନେଲେ ହେଲା—ତେଣୁ ମା ଓ ପିଲା ଉଭୟ ଜୀବାଣୁ ଓ ଭୁତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ନ୍ତି ।

ପିଲା ପେଟରେ ରହିବା ଅବସ୍ଥାରେ ମାଆ ୨ଟି ବା ୩ଟି ଏକମାସରୁ ଦେଢ଼ମାସ ଅନ୍ତରରେ ଟିଟାନସ୍ ଇଂଜେକସନ୍ ନିଏ । ସେଇଥିପାଇଁ ଆଜକାଲି ମାଆ ଓ ଛୁଆ ଗର୍ଭାବସ୍ଥାରେ ବା ପ୍ରସୂତି ଅବସ୍ଥାରେ ଟିଟାନସ୍‌ରେ ଆକ୍ରାନ୍ତ ହେବା ଯଥେଷ୍ଟ କମିଯାଇଛି । ମୋଟ ଉପରେ ନାହିଁ କହିଲେ ଚଳେ । ଆଜକାଲି ମାଆ ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ଉପରେ ଏତେ ଜୋର ଦିଆଯାଇଛି ।

ଆଉ ଗୋଟିଏ ଅଜବ କଥା ହେଲା ଆମ ଚଳଣି—ଅଭ୍ୟାସ ଓ ପରିବେଶ କିଛି ପରିମାଣରେ ଆମ ଦେହରେ ରୋଗ ପ୍ରତିରୋଧ ଶକ୍ତି ବଢ଼େଇ ଦେଇଥାଏ । ଏହା ବୋଲି ଯେ ଆମେ ଗାଡ଼ିଆର ପାଣି ପିଇବା ଓ ଅଭ୍ୟାସ ଆମର ରୋଗ ନିରୋଧକ ଶକ୍ତି ବଢ଼େଇବ ତା ନୁହେଁ । ସାଧାରଣତଃ ପାଣି ନ ଫୁଟେଇ ବା ଫିଲଟର ନକରି କେବଳ ନିର୍ମଳ ଜଳ ପିଇବାରେ ଅଧିକାଂଶ ଅଭ୍ୟସ୍ତ । କିନ୍ତୁ ଯେଉଁମାନେ ଟିଉବ୍‌ୱେଲ ବା କୂଅପାଣି ସିଝେଇ ଫିଲ୍‌ଟର କରି ପିଇବାରେ ଅଭ୍ୟସ୍ତ, ସେମାନେ କୂଅର ନିର୍ମଳ ଜଳ ପିଇଲେ ସାଙ୍ଗେ ସାଙ୍ଗେ ପେଟ ଗୋଳମାଳରେ ଭୋଗିବେ । ଯେଉଁମାନେ ଅନେକ ବର୍ଷ ଧରି ପାଶ୍ଚାତ୍ୟ ଦେଶରେ ସବୁ ପ୍ରକାର ବିଶୋଧନ ଭିତରେ ଅଛନ୍ତି ସେମାନେ ଏଠାର ପାଣି, ପବନ, ଖାଦ୍ୟରେ ବେମାର

Digitized by srujanika@gmail.com

ରୋଗଜନ୍ତୁ । ବିଶେଷରେ ଝାଡ଼ା, ବାନ୍ତି, ପ୍ରଭୃତି ଲାଗି ରହିଥାଏ । ଏମିତିକି ଗୋଟିଏ ମଶା କାମୁଡ଼ାରେ ସାରା ଶରୀର ଫୁଲି ବଷାଣିଆ ହୋଇଯାଏ । ସେମିତି ପାହାଡ଼ିଆ ଅଞ୍ଚଳର ଲୋକମାନେ ଯେଉଁମାନଙ୍କ ଦେହରେ ଧୂଳି କେବେ ଲାଗିନି— ଧୂଳିଠାରୁ ଖୁବ୍ ଦୂରରେ ଅଛନ୍ତି ସେମାନେ ସହଜରେ ଯକ୍ଷ୍ମା-ରୋଗରେ ଶୀକାର ହୁଅନ୍ତି ।

ବସ୍ତୁସ — ବୁଢ଼ାମାନେ ଯଦି କିଛି ସଂକ୍ରାମକ ରୋଗରେ ପଡ଼ନ୍ତି ତେବେ ସେଥିରୁ ବଂଚିବା ସେମାନଙ୍କ ପକ୍ଷେ

Digitized by srujanika@gmail.com

କଷ୍ଟକର । କାହିଁକି ନା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ ।

ପ୍ରତିଷେଧକର ବିସ୍ତାରିତ କାର୍ଯ୍ୟକ୍ରମ :- ଯାହାକୁ ଇଂରାଜୀରେ ଇ. ପି. ଆଇ. ଅବା ପୂରା ଅର୍ଥ ହେଲା ଏକ୍ସପ୍ୟାନଡେଡ୍ ପ୍ରୋଗ୍ରାମ ଅଫ୍ ଇମ୍ୟୁନାଇଜେସନ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ୬ଟି ମାରାତ୍ମକ ରୋଗରୁ ପୃଥିବୀର ସବୁ କୋଣର ପିଲା ଯେପରି ରକ୍ଷା ପାଇବେ । କଅଁଳିଆ ଶିଶୁ କଚି ଅବସ୍ଥାରୁ ଝଡ଼ି ପଡ଼ୁଛନ୍ତି ବର୍ଷକୁ ପ୍ରାୟ ୫୦ ଲକ୍ଷ । ଆଉ ୫୦ ଲକ୍ଷଙ୍କର ଗଳା ମରୁଡ଼ି, ଅର୍ଥାତ୍ ଅକର୍ମଣ୍ୟ ହେଇ ବଞ୍ଚିଛନ୍ତି ଏଇ ଭୟାବହ ରୋଗର ଆକ୍ରମଣରେ । ବାସ୍ତବିକ୍ ଅବସ୍ଥା ଖୁବ୍ ସାଂଘାତିକ ।

ଛୋଉ ବାପ ମାଆ ଭଲି ନ ଡରିବ ଏଇ ରୋଗର ନାଁ ଗୁଡ଼ିକ ଶୁଣି । ଖାଲି ଡରିଲେ ଲାଭ କଅଣ ? ଏହାର ଆକ୍ରମଣରୁ ନିଜ ଛୁଆଙ୍କୁ ରକ୍ଷା କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରିବା କଥା । ନିରାପଦକରଣ ଟୀକା ସବୁ ପିଲାଙ୍କୁ ଦିଆଯିବା ଉଚିତ । ଏଇ ରୋଗ କବଳରୁ ଯେଉଁ ପିଲାଗୁଡ଼ିକ କଷ୍ଟେ ମଷ୍ଟେ ବଞ୍ଚିଲେ ସେମାନେ ସାରା ଜୀବନ ମନ୍ଦ ପୁଷ୍ଟି, ଦୁର୍ବଳତା ଭୋଗି ଚାଲିଲେ । ଏଇ ଟୀକା ଜୀବନ ରକ୍ଷା କରିବା ସାଂଗେ ସାଂଗେ ବୟସର ମାଇଲ ଖୁଣ୍ଟର ପ୍ରତିବନ୍ଧକ ଦୂର କରି ଚାଲେ । ପିଲାଟି ସୁ ଖୁସି ରେ ବଢ଼ି ଚାଲେ ।

Digitized by srujanika@gmail.com

ଆମେ କୌଣସି ଗୋଟିଏ ଶିଶୁ ଉତ୍ସବକୁ ଗଲେ କହୁଛୁ, ଶିଶୁ ଆମ ଦେଶର ସମ୍ପଦ । ସେ ସମ୍ପଦ କେମିତି ସୁରକ୍ଷିତ ହେବ, ମରଣ ରୋଗର କେମିତି ଦୂରେଇ ଯିବ ସେ ବିଷୟ କ'ଣ ନିବିଡ଼ ଭାବରେ ଚିନ୍ତା କରୁଛୁ ? ଏହି ରୋଗର ପ୍ରତିଷେଧକ ଟୀକା ଶସ୍ତା ଏବଂ ଏଥିପାଇଁ ଯଦି ଜଣେ ନିଜ ପିଲାର ଜୀବନ ସୁରକ୍ଷା ପାଇଁ କିଛି ଖର୍ଚ୍ଚ କଲା ତେବେ ସେ ପୁଞ୍ଜି ଭଲ କାମରେ ଲାଗିଛି ଜାଣିବ । ଏହି ପ୍ରତିଷେଧକ ଟୀକା ନେଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ ।

ଟୀକା ବାହାରିଛି, ପୁଣି ଏଇ ପ୍ରତିଷେଧକ ଟୀକା ଉପରେ ପ୍ରତ୍ୟେକ ପିଲା ସୁବିଧାରେ ପାଇ ପାରିବେ ସେ ଚିନ୍ତା ସମସ୍ତଙ୍କର । ସେଥିପାଇଁ କେତେ ଯୋଜନା, କିନ୍ତୁ କିପରି ଦିଆଯିବ, କେତେ ଅନ୍ତରରେ ଦିଆଯିବ ଏବଂ ଏହି ଔଷଧ କିପରି ସଂରକ୍ଷଣ କରାଯିବ, ଏ ବିଷୟରେ ଅନେକ ସମୟରେ ଏପଟ ସେପଟ ହୋଇଯାଏ । ଏଥିପାଇଁ ଗଣଚେତନା ଆବଶ୍ୟକ । ପ୍ରତ୍ୟେକ ପରିବାରର ମୁଖିଆ ତଥା ବାପା, ମାଆ, ସ୍କୁଲର ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଚେତନ ହେବା ଦରକାର । ଅନେକ ବାପା, ମାଆ ଛୁଆଙ୍କୁ ଗୋଟିଏ ପ୍ରତିଷେଧକ ଟୀକା ଦେଇ ବେଶ୍ ହାଲ୍କା—ତାଙ୍କ କାମ ଯେମିତି ହେଇଗଲା । କିନ୍ତୁ ପରିମାଣରେ ଦିଆଯିବା ଦରକାର ।

Digitized by srujanika@gmail.com

ପିଲାଟି ୩ ମାସ ହେବା ଯାଏ ତା ଦେହରେ ରୋଗ ପ୍ରତିରୋଧକ ଶକ୍ତି ଥାଏ । କିନ୍ତୁ ୯ ମାସରେ ପହଞ୍ଚିଲା ବେଳକୁ ପୂରାପୂରି ଲୋପ ପାଇଯାଇଥାଏ । ତେଣୁ ପିଲାଟିକୁ ୩ ମାସ ପରେ ଯଦି ପିଲାର ସ୍ୱାସ୍ଥ୍ୟଗତ କାରଣରୁ ବା ଅନ୍ୟ କୌଣସି ଅସୁବିଧାରୁ ଟୀକା ଦେଇନାହାନ୍ତି ତେବେ ମନେ କରି ୩ରୁ ୯ମାସ ଭିତରେ ଏପରିକି ୯ ମାସ ପରେ ମଧ୍ୟ ଦେଇପାରିବେ । ଲୋକଙ୍କର ଗୋଟିଏ ଭୁଲ ଧାରଣା ଯେ, ମାସେ ତ ପୂରିଗଲା, ପ୍ରଥମ ମାତ୍ରା ନେଇ ପିଲାର ଦେହ ଭଲ ନାହିଁ ଆଉ ଦ୍ୱିତୀୟ ଡୋଜ ଡେରି ହେଲାଣି, ଦେବାନି । ୧୫ ମାସ, ୨ ମାସ ହେଲେ ବି ୨ୟ ପାନ ଦିଆଯାଇପାରେ । ବରଂ ପ୍ରତିଷେଧକର ସୁଫଳ ବେଶୀ । ପ୍ରଥମ ଥରର ଗୁଣ ନଷ୍ଟ ହୁଏନି । ପ୍ରାୟ ୬ ମାସ ଯାଏ ଗୁଣ ରହେ । ତେଣୁ ପିଲାକୁ ୨ୟ ପାନ ପ୍ରତିଷେଧକ ଦେବାକୁ ଭୁଲିବେନି । ଯେତିକି ପାନର ବ୍ୟବସ୍ଥା ରହିଛି, ସେତିକି ନ ନେଲେ କିଛି ଲାଭ ନାହିଁ ।

ପିଲାଟି ଯେଉଁ ଟୀକା ନେବ ତାର ତାରିଖ, କେବେ ନେଇଛି, କେଉଁଠି ନେଇଛି, କି କି ପ୍ରତିଷେଧକ ନେଇଛି, ତାର ହିସାବ କାର୍ଡ ବାପା, ମାଆଙ୍କ ପାଖରେ ରହିବ ! ଏଣେ

Digitized by srujanika@gmail.com

ଡାକ୍ତରଙ୍କ ପାଖରେ ତ ହିସାବ ଥିବ । ସବୁବେଳେ ନିଜ ନୋଟ୍

ବୁକ୍‌ରେ ବା ଝଣ୍ଡେ ଖାତାରେ ଟିପି ରଖିଲେ ଭଲ । ସବୁ କ'ଣ ମନେ ରହେ ?

Digitized by srujanika@gmail.com

ପ୍ରଥମ ବସନ୍ତ ଟୀକା—

ପୃଥିବୀରୁ ୧୯୭୮ ରୁ ବସନ୍ତ ପୂରାପୂରି ନିର୍ମୂଳ ହୋଇ-ଗଲାଣି । ଆଗେ ଯେପରି ବସନ୍ତ ହୋଇ (ଗାଁଉଲୀ ଭାଷାରେ ବଡ଼ ମା, ବଡ଼ ଠାକୁରାଣୀ) ଗାଁ ଗାଁ ପୋଛି ସଫା କରୁଥିଲେ, ବୟସ ନିର୍ବିଶେଷରେ ସ୍ତ୍ରୀ, ପୁରୁଷ, ଛୁଆ, ପିଲା, ବୁଢ଼ା କେହି

ବାଦ ପଡ଼ୁ ନ ଥିଲେ, ଏବେ କିନ୍ତୁ ବିଶେଷ ଧ୍ୟାନ ଦେଇ ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଲୋକ ଟୀକା ନେଇ ବସନ୍ତ

Digitized by srujanika@gmail.com

ପୂର୍ବ ନିର୍ମୂଳ କରାଯାଇଛି । ସେଇଥିପାଇଁ ଆଜକାଲି ଆମ ଟୀକା ଦିଆ ଯୋଜନାରୁ ଏହି ରୋଗକୁ ବାଦ ଦିଆଯାଇଛି ।

ବି. ସି. ଜି. ଟୀକା

ଏହି ଟୀକା ନେଲେ ଯକ୍ଷ୍ମା ରୋଗରୁ ରକ୍ଷା ମିଳେ । ବି. ସି. ଜି. ଟୀକା ପ୍ରତ୍ୟେକ ଶିଶୁ ନେବା ଉଚିତ । ପ୍ରଥମ ୩ ମାସ ଭିତରେ ଏହି ଟୀକା ନେଲେ ଭଲ । ଛୋଟ ଛୋଟ ପିଲାମାନେ ଯଦି ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସନ୍ତି ତେବେ ରୋଗ ହେବାର ଆଶଙ୍କା ବେଶୀ । ଏହି ରୋଗ ହେଲେ ସବୁବେଳେ ଜ୍ୱର ହୁଏ, ଶୁଖିଲା କାଶ ହୁଏ, ପିଲାଟି ଶୁଖି ଶୁଖି ଶେଷରେ ହାଡ଼ କଙ୍କାଳ ହୋଇ ପଡ଼ି ରହେ । ଏଇ ଜୀବାଣୁ ମସ୍ତିଷ୍କକୁ ଆକ୍ରମଣ କଲେ ରୋଗୀ ମରି ଯାଇପାରେ । ରୋଗୀ ସାଙ୍ଗରେ ମିଳାମିଶା, ଛେପ, ଖଙ୍କାର ଲାଗିଥିବା ଜିନିଷପତ୍ର, ଲୁଗାପଟା ବ୍ୟବହାର କଲେ ରୋଗ ହୁଏ ।

ଇଂଜେକସନ୍ ବା ବି. ସି. ଜି. ଟୀକା ବାଁ କାନ୍ଧର ଟିକିଏ ତଳକୁ ଚମଡ଼ା ତଳେ ଦିଆଯାଏ ।

Digitized by srujanika@gmail.com

୧୦ ଦିନରୁ ୧ ମାସ ଭିତରେ ଜମା ହୋଇ ଫୁଲିଯାଏ ବା ବଥ ହୁଏ । ଅଳ୍ପ ସପ୍ତାହ ଭିତରେ ଭଲ ହୋଇଯାଏ ।

ଦାଗଟିଏ ରହେ । ଟୀକାଟି ନେଲେ ଯେ ଜଣେ ଖୁବ୍ ନିଶ୍ଚିନ୍ତ ରହିବ ତା ପିଲାକୁ ଯକ୍ଷ୍ମା ହେବନି, ତା ନୁହେଁ । ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ପ୍ରତିରୋଧକ ଶକ୍ତି ଟୀକାର କମି ଆସେ ।

Digitized by srujanika@gmail.com

ତେଣୁ ପୁଣି କେବେ ୨ୟ ଥର ଟୀକା ନିଆ ହେବ ସେଇଟା ପରୀକ୍ଷାକରି ଦେଖାଯାଏ । ଭାରତବର୍ଷ ପରି ବିକାଶୋନ୍ମୁଖୀ

ଦେଶରେ ପ୍ରତ୍ୟେକ ପିଲା ବି. ସି. ଜି. ଟୀକା ନେବା ଦରକାର । ଟୀକା ନେଲା ପରେ ରୋଗରେ ଭୋଗିଲେ ରୋଗ ସାଙ୍ଘାତିକ

Digitized by srujanika@gmail.com

ହୁଏନା, ବା ପିଲାଟି ସହଜରେ ମୃତ୍ୟୁମୁଖରେ ପଡ଼େନା ।
ଅନେକ ସମୟରେ ପିଲାଙ୍କ ଦେହରେ ଯକ୍ଷ୍ମା ରୋଗ ସହଜରେ

ଜଣା ପଡ଼େନା । ରୋଗଟି ଆଗରୁ ଚିହ୍ନଟ ହୋଇପାରେନା ।
ସେଇଥିପାଇଁ ବି. ସି. ଜି. ଟୀକା ଦାନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା
କାର୍ଯ୍ୟକ୍ରମରେ ଭର୍ତ୍ତି କରାହୋଇଛି ।

ମୌଖିକ ପୋଲିଓ ଟୀକା—

ପୋଲିଓ ଶିଶୁମାନଙ୍କର ଭୟାବହ ସଂକ୍ରାମକ ରୋଗ ।
ଏହି ରୋଗ ଦ୍ୱାରା ଦେହର ଯେ କୌଣସି ଅଙ୍ଗ ଅଚଳ

Digitized by srujanika@gmail.com

ହୋଇଯାଏ । ଶ୍ୱାସନଳୀ ଓ ଖାଦ୍ୟ ନଳୀର ମାଂସପେଶୀ ଅଚଳ ହେଲେ ପିଲା ମରିଯାଏ । ଯେ କୌଣସି ଅଙ୍ଗ ଅଚଳ ହେଲେ



ପିଲାଟି ସାରା ଜୀବନ ଅକର୍ମଣ୍ୟ ହୋଇଯାଏ । ବିଶେଷ ଭାବରେ ୫ ବର୍ଷରୁ କମ୍ ପିଲାଙ୍କୁ ଅକର୍ମଣ୍ୟ କରିପକାଏ । ପ୍ରାୟ ୯୦% ପିଲା ହେଉଛନ୍ତି ତିନି ବର୍ଷ ତଳର ପିଲା ଆଉ ୭୦% ପିଲା ୨ ବର୍ଷ ତଳର । ହାଲକା ଗୋଲାପୀ ରଙ୍ଗର ବା ବିନାରଙ୍ଗର ପାଣି ଔଷଧ ପାଟିବାଟେ ଦିଆଯାଏ । ଆଗେ ୩ ମାସ ବେଳକୁ ମାସେ ଅନ୍ତରରେ ୩ଟି ଡୋଜ ପୋଲିଓ ପାଟି ବାଟେ ଦିଆଯାଉଥିଲା, କିନ୍ତୁ ୩ଟି

Digitized by srujanika@gmail.com

ଡୋଜ ଦେଇ ମଧ୍ୟ ପୋଲିଓ ହାର ବଢ଼ିବାରୁ ଏବେ ୫ଟି ମାତ୍ରା ଦେଉଛନ୍ତି । ପ୍ରଥମ ମାତ୍ରାଟି ୭ ସପ୍ତାହ ବେଳକୁ ଦେଉଛନ୍ତି । ବୁଷ୍ଟର ଡୋଜ୍‌ଟି ୨ ବର୍ଷରେ ଓ ୫ ବର୍ଷରେ ଦଆହେଉଛି ।

ଅନେକ ବାପ, ମା ଜାଣନ୍ତିନି ଯେ ୭ ବର୍ଷ ପରେ ମଧ୍ୟ ପୋଲିଓ ହେଇପାରେ । ୫ ବର୍ଷ ପରେ ବିଶେଷ ଭାବରେ ଆମେ ପୋଲିଓ ଦେଖିବାକୁ ପାଉନୁ, ତଥାପି ଆମେ କାହିଁକି ବିପଦ ଫାଟରେ ନ ରହିବା ? ତେବେ ୫ ବର୍ଷ ପରେ ମଧ୍ୟ ପ୍ରତି ୨ ବର୍ଷରେ ଥରେ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ଦେଲେ ଭଲ ।

ସବୁବେଳେ ମନେ ରଖିବେ ପୋଲିଓ ଖାଲି ପେଟରେ ଦେବେ । ଖାଦ୍ୟ, ଦୁଧ ଏପରିକି ପାଣି ମଧ୍ୟ କିଛି ବ୍ୟତିକ୍ରମ କରିପାରେ ଗୁଣରେ । ଔଷଧ ଖୁଆଇବାର ଘଣ୍ଟାକ ପୂର୍ବରୁ କିଛି ଦେବେନି ଓ ପରେ ମଧ୍ୟ କିଛି ଦେବେନି । ଯେଉଁ ପିଲାମାନେ ମା କ୍ଷୀର ଖାଉଛନ୍ତି ସେମାନଙ୍କୁ ପୋଲିଓ ଦେବାର ଅନ୍ତତଃ ୪ ଘଣ୍ଟା ଆଗରୁ ଓ ପରେ ମା କ୍ଷୀର ଦେବେନି । କିନ୍ତୁ ମଝିରେ ଅନ୍ୟ ଜିନିଷ ଦେଇ ପାରନ୍ତି । ଗରମ ପାଣି, ଗରମ ଦୁଧ, ଗରମ କଫି ପ୍ରଭୃତି ଔଷଧ ଖୁଆଇବାର ଅଧଘଣ୍ଟା ପର୍ଯ୍ୟନ୍ତ ଦେବେନି କାହିଁକି ନା ଔଷଧର ଗୁଣ ନଷ୍ଟ ହୋଇଯିବ ।

ପିଲାକୁ ସର୍ଦ୍ଦି, କାଶ, ଥଣ୍ଡା ଜ୍ୱର, କୌଣସି ପ୍ରକାର ସଂକ୍ରମଣ, ଝାଡ଼ା, ବାନ୍ତି ପ୍ରଭୃତି ହେଉଥିଲେ ଔଷଧ ଦିଆ

Digitized by srujanika@gmail.com

ଯାଏନ । ପିଲା ଭଲ ହେଲା ପରେ ନେବ । ମୌଖିକ ପୋଲିଓ ଗରମ, ସନ୍ତସନ୍ତିଆ ବା ଖୁବ ଗହଳି ଭିତରେ ଦେବା ଉଚିତ ନୁହେଁ । ଅଣ୍ଡା ବଡ଼ ରୁମରେ ଦେବା ଉଚିତ । ତେଣୁ ଖରା ଦିନେ ଓ ବର୍ଷା ଦିନେ ଯେତେ ଦୂର ସମ୍ଭବ ନ ଦେଲେ ଭଲ ।

ତ୍ରିବିଧରୋଗ ପ୍ରତିଷେଧକ ଟୀକା—

ତ୍ରିବିଧ ସଂକ୍ରାମକ ରୋଗ ପ୍ରତିଷେଧକ ଦେଇ ଆମେ ଆମର ଛୁଆଙ୍କୁ ଡିପ୍‌ଥେରିଆ (ଗଳକଣ୍ଟକ, ହୁପିଂକାଶ, ଲହରୀ କାଶ ଓ ଧନୁଷ୍ଟଙ୍କାର) ଏହି ତିନି ମାରାତ୍ମକ ରୋଗ କବଳରୁ ରକ୍ଷା କରି ପାରିବା । ଗର୍ଭାବସ୍ଥାରେ ମାଆ ଟିଟାନାସ୍ ଟକ୍‌ସଏଡ଼ ନେଲେ ତାହା ମାଆ ଓ ଶିଶୁ ଉଭୟଙ୍କୁ ଧନୁଷ୍ଟଙ୍କାର ବାତରୁ ରକ୍ଷା କରେ । କିନ୍ତୁ ପିଲାଟି ୩ ମାସ ହେବା ପରେ ତା'ର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ତେଣୁ ଏହି ତ୍ରିବିଧ ଟୀକା ୩ ମାସ ପରେ, ମାସେ ଅନ୍ତରରେ ୩ଟି ଇଂଜେକ୍‌ସନ୍ ଦିଆଯାଏ । ବୁଷ୍ଟର ଡୋଜ ୨ ବର୍ଷରେ ଓ ୫ ବର୍ଷରେ ଦିଆଯାଏ । ତିନୋଟିଯାକ ଏକା ସାଙ୍ଗରେ ଦିଆଯାଉଥିବାରୁ ବାରମ୍ବାର ଫୋଡ଼ାରୁ ଓ ଇଂଜେକ୍‌ସନ ଦେବା ସମସ୍ତ ଭୁଲି ଯିବାରୁ ରକ୍ଷା ମିଳିଥାଏ । ଏହାଛଡ଼ା ଲହରୀକାଶ (ହୁପିଂ କାଶ)ର ଟୀକା, ଡିପ୍‌ଥେରିଆ ସହିତ ମିଶି ଦିଆଯାଉଥିବାରୁ ତାହାର ଗୁଣ ପ୍ରଖର କରିଥାଏ ।

Digitized by srujanika@gmail.com

ତ୍ରିବିଧ ମିଶ୍ରିତ ଟୀକା ନେଲା ପରେ ସାମାନ୍ୟ ଜ୍ୱର ହୋଇପାରେ, ତେଣୁ ପ୍ରଥମ ଟୀକାରେ ଜ୍ୱର ହେଉଛି ବୋଲି ନ ଡରି ଦ୍ୱିତୀୟ ଟୀକା ଦେବେ । କିନ୍ତୁ ଯଦି ପିଲାର ହାତ ମୁଠା କରି ବାତର ଲକ୍ଷଣ ଦେଖାଗଲା ତେବେ ଡାକ୍ତରଙ୍କୁ ଏ ବିଷୟ ଜଣାଇବେ । ଏ କ୍ଷେତ୍ରରେ ହୁପିଂକାଶର ଟୀକା ବାଦ ଦେଇ ଖାଲି ଡି. ଟି. ଦିଆଯାଏ ।

ଡିପ୍‌ଥେରିଆ (ଗଳକଣ୍ଟକ) ଏହା ସାଧାରଣତଃ ୧ ବର୍ଷରୁ ୧୦ ବର୍ଷ ବୟସର ଶିଶୁକୁ ଆକ୍ରାନ୍ତ କରେ । ଏହା ଏକ ଭୟାବହ ରୋଗ ଯେଉଁଟା କି ପିଲାର ମୃତ୍ୟୁର କାରଣ ହୋଇଥାଏ । ଏଥିରେ ଜ୍ୱର ହେବା ସଙ୍ଗେ ସଙ୍ଗେ ତଣ୍ଟି ବସିଯାଏ । ପିଲା ଗିଳିବାରେ କଷ୍ଟ ହୁଏ । ନିଶ୍ୱାସ ନେବାରେ କଷ୍ଟ ହୋଇଥାଏ । ଜଣେ ଆକ୍ରାନ୍ତ ଶିଶୁ ଠାରୁ ରୋଗର ଜୀବାଣୁ ସୁସ୍ଥ ପିଲାକୁ ଆକ୍ରାନ୍ତ କରେ । ଏଥିରେ ପ୍ରାୟ ପିଲା ମୃତ୍ୟୁ ମୁଖରେ ପଡ଼ନ୍ତି । ଭଲ ହେଲେ ବି ପକ୍ଷାଘାତରେ ହାତ ଗୋଡ଼ ଓ ଅଙ୍ଗ ପ୍ରତ୍ୟଙ୍ଗ ବିକଳାଙ୍ଗ ହୋଇଯାଇଥାଏ । ଅନେକ ସମୟରେ ରୋଗକୁ ନ ଚିହ୍ନି ଗାଁର ଗାଉଁଲି ଚିକିତ୍ସକମାନେ ପିଲାର ଅବସ୍ଥା ସାଂଘାତିକ କରି ଦିଅନ୍ତି । ତେଣୁ ପିଲାର କିଛି ଅସୁବିଧା ହେଲେ ଦକ୍ଷ ଚିକିତ୍ସକଙ୍କୁ ଦେଖାଇବେ ।

ହୁପିଂକାଶ

ଏହି କାଶ ହେଲେ ପିଲାର ଆଖି ଲାଲ ପଡ଼ିଯାଏ । ଶାଂଘାଣୀ ବୋହିବାରେ ଲାଗେ । ତଣ୍ଟି ବସିଯାଏ ଏବଂ କାଶି

Digitized by srujanika@gmail.com

କାଶି ପିଲ୍ ବେଦମ ହୁଏ । ନିମୋନିଆ ମଧ୍ୟ ହୋଇପାରେ । ଜୀବାଣୁ ନିଃଶ୍ୱାସ ପ୍ରକ୍ରିୟାରେ ଯାଇ ସୁସ୍ଥ ଶିଶୁ ଦେହରେ ପ୍ରବେଶ କଲେ ପିଲାଟି ଆକ୍ରାନ୍ତ ହୁଏ । ବର୍ଷେକରୁ କମ୍ ପିଲାଙ୍କୁ ହେଲେ ଏହା ସାଂଘାତିକ ହୋଇଥାଏ । ନିବେଧ ପ୍ରତିଷେଧକ ନେଇଥିଲେ ଏଥିରୁ ରକ୍ଷା ମିଳେ ।

ଧନୁଷ୍ଟଙ୍କାର

ଏଥିରେ ଆକ୍ରାନ୍ତ ଶିଶୁର ମାଂସପେଶୀ ଓ ହନୁସ୍ତମ୍ଭ ଅତି ଯନ୍ତ୍ରଣାଦାୟକ ଭାବେ ସଂକୁଚିତ ହୁଏ । ଉଭୟ ଶିଶୁ ଓ ବୟସ୍କ ଏହି ରୋଗର ଶୀକାର ହୁଅନ୍ତି । କଟା ଘା ବା ଯେ କୌଣସି କ୍ଷତ ଦେଇ ଏହି ରୋଗର ଜୀବାଣୁ ଯାଏ । ଜନ୍ମିତ ଶିଶୁର କଟାଯାଇଥିବା ନାଭିର ସଦ୍ୟ କ୍ଷତ ଦେଇ ଜୀବାଣୁ ଯାଏ । ପିଲାଟି ଆମର ଅଣହେଲାରୁ ସାଂଘାତିକ ଟିଟାନସ୍ ବେମାରୀ ଘେରେ ।

ମିଳିମିଳା

ଏଇ ରୋଗଟି ପ୍ରାୟ ସାଧାରଣ ରୋଗ ହିସାବରେ ନେଇଥାନ୍ତି । କାହିଁକି ନା ଅଧିକାଂଶଙ୍କ ଘରେ ଏଇ ରୋଗ ହୋଇଥାଏ ଏବଂ ଗୁଣା ଅଧିକେ ସମସ୍ତେ ଏଇ ରୋଗରୁ ଭୋଗନ୍ତି । ଗାଁରେ ମିଳିମିଳାରେ (ଯେପରି କାଶ, ସର୍ଦ୍ଦି, ଜ୍ୱରରେ) ପିଲା ଭୋଗୁଥାଉ ପଛେ ସାନ ମାଆ ଛ ଦିନେ କରିନ୍ତି— କୋପ ଅଡ଼େଇ ଦିନ । ତାପରେ ଲହୁଣୀ ଟିକିଏ ମାରି ଦେଲେ ଦେହ ସୁନା । ବିଶେଷଭାବରେ ଛୋଟ ଛୁଆଙ୍କୁ

Digitized by srujanika@gmail.com

ହେଲେ ଲୋକଙ୍କ ଭିତରେ ଏବେ ବି ଗୋଟିଏ ଭୁଲ ଧାରଣା କହ ବା ଅନ୍ଧବିଶ୍ୱାସ କହ ରହିଛି—ମିଳିମିଳା ଠାକୁରାଣୀ ଥରେ ଯୋଉ ପିଲାକୁ ଛୁଇଁଛି ସେ ପିଲାର ମଙ୍ଗଳ । ତେଣୁ ସବୁ ଛୁଆ ନଜର କଲ୍ୟାଣ ପାଇଁ ମିଳିମିଳା ଠାକୁରାଣୀଙ୍କ ଆଶୀର୍ବାଦ ଆଗମନୀ ଅପେକ୍ଷାରେ ରହିବା କଥା, କିନ୍ତୁ ମିଳିମିଳା ହେଲା ପରେ ଯେଉଁ ଦୁର୍ଦ୍ଦଶା ଛୁଆଟି ଭୋଗେ ସେ କଥା କଣ କିଏ ଚିନ୍ତା କରିଛି ।

ଧରନ୍ତୁ ଘରେ ଜଣେ ପିଲାକୁ ମିଳିମିଳା ହେଲା ତେବେ ଘରଯାକର ସମସ୍ତଙ୍କୁ ନିଶ୍ଚୟ ହେବ । ଏମିତିକି ଅନ୍ୟ ସଂସ୍ପର୍ଶରେ ଆସି ମଧ୍ୟ ହୋଇଥାଏ । ଜଣକଠାରୁ ଆଉ ଜଣକୁ ଡେଇଁବାର ଶେଷ ହେବ ମିଳିମିଳା ଟୀକା ସମସ୍ତେ ନେଲେ । ତିନୋଟି ରୋଗର ପ୍ରତିଷେଧକ ଗୋଟିଏ ଟୀକାରେ ମିଳେ । ମିଳିମିଳା, ଜର୍ମାନ ମିଳିମିଳା (ରୁବେଲା) ଆଉ ଗାଲୁଆ (ମଂପସ) ଏହାକୁ ଏମ୍. ଏମ୍. ଆର୍. କହନ୍ତି ।

ନଅ ମାସ ପୁରିଲା ପରେ ଯେ କୌଣସି ସମୟରେ ଛୁଆଟି ମିଳିମିଳା ଟୀକା ନେଇ ପାରିବ । ଟୀକା ନେବାର ୭ରୁ ୧୦ଦିନ ଭିତରେ ରୋଗ ପ୍ରତିରୋଧକ ଶକ୍ତି ଆରମ୍ଭ ହୋଇଯାଏ—ଏଇ ଇଂଜେକସନ ନେଲେ କିଛି ବି ଲକ୍ଷଣ ଦେଖାଯାଏନି । କିଛିଏ ସାମାନ୍ୟ ଜ୍ୱର ବା ଦେହରେ ଈଷତ୍ ଫଳା ଦେଖାଯାଇପାରେ । ଗୋଟିଏ ଥର ପୁରା ଡୋଜରେ ଏଇ ଟୀକା ନେଲେ ୯୫ରୁ ୯୮ଭାଗ କ୍ଷେତ୍ରରେ ସାରା ଜୀବନ ପ୍ରତିରୋଧକ ଶକ୍ତି ରହେ । କିନ୍ତୁ ସବୁ ଛୁଆ କଣ ଏଇ ଟୀକା ନେଇପାରିବେ କି ? ଯେଉଁ

Digitized by srujanika@gmail.com

ଛୁଆଙ୍କର ଯକ୍ଷ୍ମା ରୋଗର ଲକ୍ଷଣ ଅଛୁ ଓ ଚକିତ୍ସା ପାଇ-
ନାହାନ୍ତି ସେମାନେ ନେଇପାରିବେନ। ଏହାଛଡ଼ା ଯେଉଁ-

ମାନଙ୍କର ମୂର୍ଚ୍ଛା ବେମାରୀ ଅଛୁ, ଅଣ୍ଡାଟିଏ ଖାଇଲେ ଦେହ
ମୁଣ୍ଡ ଫୁଲିଯାଏ, କୁଣ୍ଡେଇ ହୁଏ ସେମାନଙ୍କୁ ଦଆ ହେଇ

Digitized by srujanika@gmail.com

ପାରିବନି । କାହିଁକି ନା ଏଇ ଟୀକାଟି କୁକୁଡ଼ା ଭ୍ରୂଣରେ ତିଆରି ହୋଇଥାଏ ।

ଯେ କୌଣସି ପ୍ରତିଷେଧକ ହେଉ, ଆମେ ଯେତେବେଳେ ଆମ ଛୁଆଙ୍କୁ ରୋଗରୁ ରକ୍ଷା ପାଇଁ ଏଇ ଟୀକା ବା ଇଂଜେକସନ ଦେବା ସେତେବେଳେ ଏହି ପ୍ରତିଷେଧକର ଭଲ ସହିତ କଣ ମନ୍ଦ ହୋଇପାରେ ଜାଣିବା ଦରକାର । ମୋଟ ଉପରେ ଏଇ ପ୍ରତିଷେଧକ ଟୀକା ଏକେବାରେ ନିରାପଦ ଏଥିରେ ସନ୍ଦେହ ନାହିଁ । ତଥାପି ଯେଉଁ କେତୋଟି କ୍ଷେତ୍ରରେ ସାମାନ୍ୟ କିଛିଏ ଅସୁବିଧା ଉପୁଜେ ସେଇଟା ରୋଗର ଲକ୍ଷଣ ତୁଳନାରେ ଏକେବାରେ ନଗଣ୍ୟ ।

ପ୍ରତିଷେଧକ ଟୀକା ସବୁ ଛୁଆଙ୍କୁ ଦିଆ ହୋଇ ପାରିବ । କେବଳ ସର୍ଦ୍ଦି ଓ କାଶର ଲକ୍ଷଣ ଥିଲେ ସଂଗେ ସଂଗେ ନ ଦେଇ ପିଲା ସୁସ୍ଥ ହେଲା ପରେ ନେବ । ଯେଉଁ ପିଲାମାନଙ୍କୁ ବାତ ମାରେ, ମୂର୍ଚ୍ଛା ବେମାରୀ ଅଛି ସେ କ୍ଷେତ୍ରରେ ଟୀକା ନ ଦେଲେ ଭଲ । ତେବେ ଏ ବିଷୟରେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଦେବେ । ହୁଏତ ଗୋଟିଏ ଛୁଆ ଏଇ ଟୀକା ନେଇଛି, ତାର କିଛି ଦିନ ପରେ ବା ସାଂଗେ ସାଂଗେ ଆଉ କିଛି ରୋଗ ହେଲା ତେବେ ନ ବୁଝି ନ ସୁଝି ପ୍ରତିଷେଧକ ଟୀକା ମୁଣ୍ଡରେ ଦୋଷ ନ ଲଦିଲେ ଭଲ । ଅନ୍ୟ ଯେଉଁ କାରଣରୁ ମଧ୍ୟ ପିଲା ବେମାରି ହୋଇ ପାରିଥାଏ । ହୁଏତ ଟୀକା ନେଇ ନ ଥିଲେ ବି ଏମିତି ହୋଇଥାନ୍ତା ।

Digitized by srujanika@gmail.com

ରୋଗ ପ୍ରତିରୋଧକ ଇଂଜେକସନ ବା ଟୀକା ଦିଆଯିବାର ସମୟ

ଶିଶୁର ବୟସ	ଇଂଜେକ୍‌ସନ ବା ଟୀକାର ନାମ
୦-୧ ମାସ	ବି. ସି. ଜି.



୬ ସପ୍ତାହରୁ ୩ମାସ	ମୌଖିକ ପୋଲିଓ ଟୀକା ପ୍ରଥମ ଡୋଜ ଏବଂ ଡି. ପି. ଟି.
୪ ମାସ	ମୌଖିକ ପୋଲିଓ ଟୀକା (ଦ୍ୱିତୀୟ ଡୋଜ) ଡି. ପି. ଟି.
୫ ମାସ	ମୌଖିକ ପୋଲିଓ ଟୀକା (ତୃତୀୟ ଡୋଜ) ଡି. ପି. ଟି.

Digitized by srujanika@gmail.com

ଶିଶୁର ବୟସ	ଇଂଜେକ୍‌ସନ ବା ଟୀକାର ନାମ
୯ ମାସରୁ ୧୫ ମାସ ମଧ୍ୟରେ	ମିଳିମିଳା ପ୍ରତିଷେଧକ ଟୀକା
୨ ବର୍ଷ	୧ମ ବୁଷ୍ଟର ମୌଖିକ ପୋଲିଓ ଏବଂ ଡି ପି. ଟି.
୫ ବର୍ଷ	୨ୟ ବୁଷ୍ଟର ମୌଖିକ ପୋଲିଓ ଏବଂ ଡି. ପି. ଟି.

ଏଇ ଯେଉଁ ତାଲିକାଟି ଏଠାରେ ଆମେ ରଖିଲେ ବେଳେ ବେଳେ ଏଥିରେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ । ତେବେ ଏଇ ସମୟରେ ତାଲିକାଭୁକ୍ତ ଟୀକା ନେବା ଓ ଦେବା ଦରକାର ।

ଟାଇଫଏଡ୍ ଭ୍ୟାକସିନ୍ (ଆନ୍ତ୍ରିକ ଜ୍ୱର) ୫ ବର୍ଷରୁ ୬ ବର୍ଷରେ ଏବଂ ବୁଷ୍ଟର ୧୦ ବର୍ଷରୁ ୧୬ ବର୍ଷରେ ନେଲେ ଟାଇଫଏଡ୍ ହେବାର ଭୟ ନ ଥାଏ ।

Digitized by srujanika@gmail.com

କଲେରା ପ୍ରତିଷେଧକ

ଆମ ଦେଶରେ ଯେମିତି ବେଳେ ବେଳେ ହଇଜା ମାଡ଼ିଆସେ ସେଥିପାଇଁ ପ୍ରତିଷେଧକ ନେବା ନିହାତି ଦରକାର । ଯାତ୍ରା, ତୀର୍ଥ, ମେଳାକୁ ଯିବା ଆଗରୁ ହଇଜା ପ୍ରତିଷେଧକ ନିହାତି ନେବା ଦରକାର । ଏଇଟା ବାଧ୍ୟତାମୂଳକ । ଟ୍ରେନ୍, ବସ, ଛକ ସବୁ ଜାଗାରେ କ୍ୟାମ୍ପ ପକେଇ ସ୍ୱାସ୍ଥ୍ୟବିଭାଗର କର୍ମଚାରୀମାନେ ଇଂଜେକସନ ଓ ସିରଞ୍ଜ ଧରି ଜଗି ବସିଥାନ୍ତି କାଳେ କିଏ ଖସି ପଳେଇବ । ତଥାପି ଅନେକ ମିଛ ସାର୍ଟିଫିକେଟ, ଜାଲ ଦସ୍ତଖତର ପ୍ରମାଣ ପତ୍ର ଦେଖେଇ ଭିଡ଼ରେ ପଶନ୍ତି କେବଳ ଫୋଡ଼ା ଓ ଜ୍ୱରକୁ ଡରି । ତେବେ ଆମେ କିଏ ଓ କାହାକୁ ଠକୁଛେ ସେ ବିଷୟ ଚିନ୍ତା କରିବା କଥା । ଏତେ ଲୋକ ସମାବେଶ । ସରକାରଙ୍କ ତରଫରୁ ଯେତେ ସ୍ୱାସ୍ଥ୍ୟ ସଚେତନ ରଖାଗଲେ ବି ନିଶ୍ଚୟ ବ୍ୟକ୍ତିଗତ ଓ ଗୋଷ୍ଠିଗତ ପରିଷ୍କାର ପରିଚ୍ଛନ୍ନତାର ଅଭାବରୁ ରୋଗ ଦେଖାଯିବ । ତେଣୁ ମିଛ ସାର୍ଟିଫିକେଟ ଧରି ଧାଇଁବା କାହିଁକି ରଥଯାତ୍ରାକୁ ।

ମିଳମିଳା

କାହା ନା କାହା ଘରେ ହେଉଥିବ ମିଳମିଳା— ଠାକୁରାଣୀ ହେଉଛନ୍ତି ଲୋ ଘରେ ଆଇଁସ କରନି । ଝୁଣା ଧୂଆଁ ଦିଅ, ମା ପ୍ରସନ୍ନ ହେବେ । କେତେ ହାଲକାକୋଳି । ହଁ ମ ଏତେ ଛୋଟରୀଟାଏ, କାଲି ତୁ ତୋ ପୁଅକୁ ଗୁଣି ହେଉଛନ୍ତି ବୋଲି । କାହାକୁ ନ ଛୁଅନ୍ତି ଭଲ କହିଲୁ ? ଜ୍ୱର,

Digitized by srujanika@gmail.com

କାଶ, ସର୍ଦ୍ଦି, ଝାଡ଼ା, ଆଖିଧରା ତା ପରେ ନିମୋନିଆ । ଏଇ କଥା କେଇପଦ ଶୁଣୁ ଶୁଣୁ ଆଠଦିନରେ ପିଲାଟି ନିମୋନିଆରେ, ଝାଡ଼ାରେ ଗଲା—ଶୁଣିଲେ ତାଜୁବ ଲାଗିବ, ପ୍ରତି ୧୫ ସେକେଣ୍ଡରେ ମିଳିମିଳାରେ ଗୋଟିଏ ଶିଶୁ ମରେ । ଆଶ୍ଚର୍ଯ୍ୟ



ଲାଗେ । ରୋଗ ତ ରୋଗ ପୁଣି ମିଳିମିଳା ସହିତ ନିମୋନିଆ କଣ ବଳେ ବଳେ ଭଲ ହେବ । ଆମ ପରି ଅନୁନ୍ନତ ଦେଶରେ ଲୋକେ ପିଲାଙ୍କ ସ୍ୱାସ୍ଥ୍ୟ, ନିଜ ସ୍ୱାସ୍ଥ୍ୟ ବିଷୟରେ ଚେତନଶୀଳ ନୁହନ୍ତି ।

ଯେଉଁ ପିଲା ଟୀକା ନେଇନି ସେ ନିଶ୍ଚୟ ଏ ରୋଗରେ ଭୋଗିବ । ପ୍ରାୟ ୩୦% କ୍ଷେତ୍ରରେ ମିଳିମିଳା ଅସୁବିଧା ସୃଷ୍ଟି କରେ । କାହାର କାନରୁ ପୂଜ, ପାଣି ଅନବରତ ବୋହେ

Digitized by srujanika@gmail.com

କାନ ଟଣକାରେ ପିଲାର ଯେଉଁ ରୂପ—ଅନବରତ ଝାଡ଼ା, ଏନ୍‌ସେଫାଲାଇଟିସ୍ ଆଉ ଅନ୍ଧ । ଇଏ କିଛି କମ୍ ଦୁର୍ଦ୍ଦଶା ନୁହେଁ । ପିଲା ସାଥିରେ ତା ମାଆ ଘାଣ୍ଟି ଚକଟି ହୋଇ ଯାଉଥିବା ।

ବଡ଼ କଷ୍ଟଦାୟକ ବେମାରୀ ଡିପ୍‌ଥେରିଆ । ଗଳାରେ ଧଳା ପରଦା, ଶ୍ୱାସ, ପ୍ରଶ୍ୱାସ ନେବାରେ କଷ୍ଟ, ଶେଷରେ ପିଲାର ମୃତ୍ୟୁ । ଏପରି ଏକ ବିଷ ଏଇ ରୋଗରେ ବାହାରେ ଯେ ରକ୍ତରେ ମିଶି ହୃଦଯନ୍ତ୍ର କ୍ରିୟା ବନ୍ଦକରି ଦେଇପାରେ ବା ସ୍ନାୟୁ ଦୁର୍ବଳ ହୋଇ ମରେ । ସାଙ୍ଗେ ସାଙ୍ଗେ ରୋଗ ଚିହ୍ନଟ ହୋଇ ବିଶେଷଜ୍ଞଙ୍କ ହାତରେ ପଡ଼ିଲେ ବଂଚିଯାଇପାରେ ।

Digitized by srujanika@gmail.com

ପ୍ରତ୍ୟେକ ବର୍ଷ ଡ୍ରିପିଂକାଶରେ ୭ ଲକ୍ଷ ପିଲା ପଢ଼ି ମରନ୍ତି । କାଶି କାଶି ପିଲା ବାନ୍ତି କରେ । ତେଣୁ ଖାଦ୍ୟାଭାବ ହୁଏ । ଅନେକ ସମୟରେ ସ୍ଥାୟୀ ବ୍ରେନ୍ ନଷ୍ଟ ହୋଇଥାଏ ।

ଟିଟାନସ

ଯେଉଁ ଜନ୍ମିତ ଶିଶୁକୁ ଏହି ରୋଗ ହୁଏ ପ୍ରାୟ ବଞ୍ଚନ୍ତିନି । ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ନାହି କାଟି ଏଇ ରୋଗ ହୋଇଥାଏ । ମା ଟିଟାନସ ଟେକ୍‌ସଏଡ ନେଇଥିଲେ ପିଲା ରକ୍ଷା ପାଇଯାଏ ।

ପୋଲିଓ

ଛୋଟା ହେବାର ଯେତେ କାରଣ ଅଛି ସେଥିରୁ ପୋଲିଓ ହେଲା ପ୍ରଧାନ କାରଣ । ୨୦୦ ପିଲା ଏଇ ରୋଗରେ ଆକ୍ରାନ୍ତ ହେଲେ ସେଥିରୁ ଗୋଟିଏ ପିଲାର ଠିକ୍ ଟିପେକାଲ ପୋଲିଓ ଲକ୍ଷଣ ପ୍ରକାଶ ପାଏ ଏବଂ ୧୦ଟି ଜଣ୍ଟିତ ପୋଲିଓରେ ଗୋଟିଏ ଶିଶୁ ପ୍ରାଣ ହରାଏ ।

ଯକ୍ଷ୍ମା ଛୋଟ ଛୁଆଙ୍କ ପାଇଁ ମାରାତ୍ମକ । ଶ୍ୱାସକଷ୍ଟ, ରୋଗରେ ପିଲାଟି ମରେ କିମ୍ବା ଅତ୍ୟନ୍ତ ଦୁର୍ବଳ ହୋଇ ବଂଚିରହେ । ହାଡ଼ରେ ହେଲେ ବେଶ୍ ବିକଳାଙ୍ଗ ହୋଇଯାଏ ପିଲା ମସ୍ତିଷ୍କକୁ ଆକ୍ରାନ୍ତ କଲେ ମାରାତ୍ମକ ।

ସବୁବେଳେ ଆମର ଭାଗ୍ୟ ଉପରେ ଦୋଷ ନଦବା— "କପାଳ ଲିଖନ କେ କରିବ ଆନ" ମନରୁ ପୋଛି ଦେବା ।

ମୁଁ କହିବି······

ଥିଲେ ଥାଉ ପଛେ ଟଙ୍କା ହଜାର

ପିଲା ରୋଗଶାଗରେ ଘର ଅସାର ।

Digitized by srujanika@gmail.com

କେବଳ ଶିଶୁଟି ସୁସ୍ଥ ହେଲେ ଯେ ତା ପରିବାର ସୁଖୀ ହେବେ ତା ନୁହେଁ, ସମଗ୍ର ସମାଜ ଲାଭବାନ ହେବ, ଦେଶ ସମୃଦ୍ଧ ହେବ । ଯେହେତୁ ପ୍ରତ୍ୟେକ ଶିଶୁ ଏ ଦେଶର ଭବିଷ୍ୟତ । ଚୀନ ଦେଶର ଗୋଟିଏ ପ୍ରବାଦ ଅଛି—

୧ । ତୁମେ ଯଦି ଗୋଟିଏ ବର୍ଷ ସକାଶେ ଯୋଜନା କରୁଛ ମଞ୍ଜି ବୁଣ ।

୨ । ତୁମେ ଯଦି ଗୋଟିଏ ପୁରୁଷ ସକାଶେ ଯୋଜନା କରୁଛ ବୃକ୍ଷ ରୋପଣ କର ।

Digitized by srujanika@gmail.com

୩ । ତୁମେ ଯଦି ଗୋଟିଏ ଶତାବ୍ଦୀ ପାଇଁ ଯୋଜନା କରୁଛ ଲୋକଙ୍କୁ ଶିକ୍ଷିତ କର ଏବଂ ଉତ୍ତମ ସ୍ୱାସ୍ଥ୍ୟବାନ ଶିଶୁ ଗଢ଼ି ତୋଳ ।

ସବୁ ମୂଳରେ ରହିଲା ଆମର ଶିକ୍ଷା । ଶିଶୁର ସାଧାରଣ ରୋଗ ଓ ତାର ପ୍ରତିକାର ବିଷୟରେ ସମସ୍ତେ ସଚେତନ ହୁଅନ୍ତୁ । ଗାଁ ଗହଳରୁ ଆରମ୍ଭ କରି ସହରର ପ୍ରତ୍ୟେକ ପରିବାରର ଲୋକେ ମାଆ ଓ ଶିଶୁର ଯେତେଗୁଡ଼ିଏ ଯୋଜନା ରହିଛି ତାର ସଫଳତା ପାଇ ହାତ ବଢ଼ାନ୍ତୁ । ଆସନ୍ତୁ ଆମେ ସମସ୍ତେ ଆମର ପିଲାଙ୍କୁ ପ୍ରତିଷେଧକ ଦେଇ ମାରାତ୍ମକ ରୋଗରୁ ରକ୍ଷା କରିବା [ଓ 'ଛୋଟ ପରିବାର—ସୁଖୀ ପରିବାର' ଗଠନ କରିବା ।

—●—

Digitized by srujanika@gmail.com